# NATIONAL NEWS BULLETIN (ODIA)

## 02nd March' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରାଚ୍ୟାରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ।

- ପଶ୍ଚିମ ଏସିଆ ପରିସ୍ଥିତି ଦୃଷ୍ଟିରୁ ବିଦେଶୀ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ପରାମର୍ଶ ଜାରି କଲା ବୈଦେଶିକ ମନ୍ତ୍ରଣାଳୟ ।

- କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପଶ୍ଚିମ ଏସିଆ ଅଞ୍ଚଳରେ ଆଜି ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ ।

ଏବଂ

- ଆଇ.ସି.ସି. ଟି.-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପରେ ଓ୍ୱେଷ୍ଟଇଣ୍ଡିଜ୍‌କୁ ୫ ଓ୍ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. କ୍ୟାବିନେଟ୍ - ସି.ସି.ଏସ୍.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତ ସନ୍ଧ୍ୟାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୈଠକରେ ଯୋଗ ଦେଇଥିଲେ । ସମ୍ପ୍ରତି ଇରାନ-ଇସ୍ରାଏଲ-ଆମେରିକା ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ବୃଦ୍ଧି ପାଉଥିବାରୁ ସୁରକ୍ଷା ଏବଂ ରଣନୈତିକ ଦୃଷ୍ଟିରୁ ଆଲୋଚନା ଲାଗି ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

## ଏମ୍.ଇ.ଏ. - ଫରେନ୍ ନ୍ୟାସନାଲ୍ସ

ପଶ୍ଚିମ ଏସିଆର ଜାରି ସୁରକ୍ଷା ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥିବା ଭାରତରେ ଥିବା ବିଦେଶୀ ନାଗରିକମାନଙ୍କୁ ଭିସା ବୃଦ୍ଧି କିମ୍ବା ରହଣି ନିୟମିତ କରିବା ପାଇଁ ସହାୟତା ନିମନ୍ତେ ନିକଟତମ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ବୈଦେଶିକ ମନ୍ତ୍ରଣାଳୟ ଏକ ପରାମର୍ଶ ଦେଇଛି ।

ଆମେରିକା, ଇସ୍ରାଏଲ ଏବଂ ଇରାନ ସହିତ ସମ୍ପ୍ରତି ସାମରିକ ଆକ୍ରମଣ ଏବଂ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପରେ ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଏହି ପରାମର୍ଶ ଦିଆଯାଇଛି ।

ଭାରତ ଏହି ଅଞ୍ଚଳରେ ଥିବା ଏହାର ନାଗରିକମାନଙ୍କ ପାଇଁ ପୃଥକ ଯାତ୍ରା ଏବଂ ସୁରକ୍ଷା ପରାମର୍ଶ ମଧ୍ୟ ଜାରି କରିଛି। ତେଲ ଆଭିଭରେ ଥିବା ଭାରତୀୟ ଦୂତାବାସ ଭାରତୀୟ ନାଗରିକମାନଙ୍କୁ 'ସର୍ବାଧିକ ସତର୍କତା ଅବଲମ୍ବନ', ଅଯଥା ଯାତ୍ରା ଏଡାଇବାକୁ, ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳ ନିକଟରେ ରହିବା ଏବଂ ସରକାରୀ ଅପଡେଟ୍ ଅନୁସରଣ କରିବାକୁ ଅନୁରୋଧ କରିଛି। ଜରୁରୀକାଳୀନ ସହାୟତା ପାଇଁ ଏକ ୨୪ ଘଣ୍ଟିଆ ହେଲ୍ପଲାଇନ୍ ଜାରି କରାଯାଇଛି ।

ଇରାନରେ ଥିବା ଭାରତୀୟ ନାଗରିକମାନଙ୍କୁ ଯଥାସମ୍ଭବ ଘର ଭିତରେ ରହିବା ଏବଂ ଅନାବଶ୍ୟକ ଗତିବିଧି ଏଡାଇବାକୁ ପରାମର୍ଶ ଦିଆଯାଇଛି। ୟୁ.ଏ.ଇ., ସାଉଦି ଆରବ ଏବଂ ଜୋର୍ଡାନ ସମେତ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଥିବା କୂଟନୈତିକ ମିଶନଗୁଡ଼ିକ ମଧ୍ୟ ଭାରତୀୟମାନଙ୍କୁ ସତର୍କ ରହିବାକୁ ଏବଂ ସମୟୋଚିତ ସହାୟତା ଯୋଗାଇବା ପାଇଁ ସେମାନଙ୍କ ନିଜ ନିଜ ଦୂତାବାସରେ ପଞ୍ଜୀକରଣ କରିବାକୁ କୁହାଯାଇଛି ।

ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସାଉଦି ଆରବ ଏବଂ କୁଓ୍ବେତରେ ତାଙ୍କ ପ୍ରତିପକ୍ଷଙ୍କ ସହ କଥା ହୋଇଛନ୍ତି ଏବଂ ଆଞ୍ଚଳିକ ସ୍ଥିରତା ଉପରେ ଭାରତର ଚିନ୍ତା ପ୍ରକାଶ କରିଛନ୍ତି ।

# ସିଭିଲ୍ ଆଭିଏସନ ମିନିଷ୍ଟ୍ରି - ପି.ଏ.ସି.ଆର୍.

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି, ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଯାତ୍ରୀ ସହାୟତା ନିୟନ୍ତ୍ରଣ କକ୍ଷ ବିମାନ ଯାତ୍ରୀଙ୍କ ଅଭିଯୋଗ ଏବଂ ପ୍ରଶ୍ନର ସକ୍ରିୟ ଭାବରେ ସମାଧାନ କରୁଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ ସୂଚନା ଦେଇଛି, ନିୟନ୍ତ୍ରଣ କକ୍ଷ ବିମାନ କମ୍ପାନୀ ଏବଂ ବିମାନବନ୍ଦର ଅପରେଟରମାନଙ୍କ ସହ ସମନ୍ୱୟ ରଖି ୪୧୧ ଯାତ୍ରୀଙ୍କ ଅଭିଯୋଗର ସମାଧାନ କରିଛି। ଯାତ୍ରୀଙ୍କ ସମସ୍ୟାକୁ କଡ଼ାକଡ଼ି ଭାବରେ ତଦାରଖ କରାଯାଉଛି ଏବଂ ସମାଧାନ ପାଇଁ ପ୍ରାଥମିକତା ଦିଆଯାଉଥିବା ମନ୍ତ୍ରଣାଳୟ କହିଛି । ଯାତ୍ରୀମାନଙ୍କ ସହାୟତା ନିମନ୍ତେ ନିଃଶୁଳ୍କ ନମ୍ବର ଜାରି କରାଯାଇଥିବାବେଳେ ଯାତ୍ରୀମାନଙ୍କୁ କେବଳ ସରକାରୀ ୱେବସାଇଟ୍ ମାଧ୍ୟମରେ ଦିଆଯାଉଥିବା ତଥ୍ୟକୁ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି । ଏଥିଲାଗି ଯାତ୍ରୀମାନେ ମନ୍ତ୍ରଣାଳୟର ସରକାରୀ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ, ଏୟାରସେବା ପୋର୍ଟାଲ ମାଧ୍ୟମରେ କିମ୍ବା ହେଲ୍ପଲାଇନ୍ ନମ୍ବର ୦୧୧-୨୪୬୦୪୨୮୩ ଓ ୦୧୧-୨୪୬୩୨୯୮୭ ସହିତ ଯୋଗାଯୋଗ କରିବା ଲାଗି ପରାମର୍ଶ ଦିଆଯାଇଛି ।

## ଜି.ଏସ୍.ଟି. କଲେକ୍ସନ - ଫେବୃୟାରୀ

ଚଳିତ ବର୍ଷ ଫେବୃଆରୀ ମାସରେ ମୋଟ ସାମଗ୍ରୀ ଏବଂ ସେବାକର- GST ସଂଗ୍ରହ ଏକ ଲକ୍ଷ ୮୩ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ବର୍ଷ ଫେବୃଆରୀ ମାସ ତୁଳନାରେ ଏହା ୮ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି ।

ଗତବର୍ଷ ଫେବୃଆରୀ GST ସଂଗ୍ରହ ପରିମାଣ ଏକ ଲକ୍ଷ ୬୯ ହଜାର କୋଟି ଟଙ୍କାରୁ ଅଧିକ ଥିଲା । ଚଳିତ ବର୍ଷ ଫେବୃଆରୀରେ କେନ୍ଦ୍ରୀୟ GST ସଂଗ୍ରହ ୩୭ ହଜାର ୪୭୩ କୋଟି ଟଙ୍କା ଏବଂ ରାଜ୍ୟ GST ୪୫ ହଜାର ୯୦୦ କୋଟି ଟଙ୍କା ଥିଲା । ସମନ୍ୱିତ GST ସଂଗ୍ରହ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି ।

## ସି.ବି.ଏସ୍.ଇ. - ଏକ୍‌ଜାମ ଆଡ୍‌ଭାଇଜରୀ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ - ସି.ବି.ଏସ୍.ଇ.ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ଆଜିର ପରୀକ୍ଷା' ପଶ୍ଚିମ ଏସିଆ ଅଞ୍ଚଳରେ ସ୍ଥଗିତ ରଖାଯାଇଛି । ସମ୍ପ୍ରତି ବାହାରିନ୍, ଇରାନ୍, କୁଏତ୍, ଓମାନ୍, କତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍‌ରେ ଦେଖାଦେଇଥିବା

ଉତ୍ତେଜନାମୂଳକ ପରିସ୍ଥିତି ଦୃଷ୍ଟିରୁ ଆଜିର ପରୀକ୍ଷା ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି । ପରିସ୍ଥିତିର ଅନୁଧ୍ୟାନ ପରେ ନୂଆ ତାରିଖ ଘୋଷଣା କରାଯିବ ବୋଲି ସି.ବି.ଏସ୍.ଇ. କହିଛି ।

## ପି.ଏମ୍. - ନେତାନ୍ୟାହୁ ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ପରିସ୍ଥିତି ବିଷୟରେ ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଟେଲିଫୋନ୍‌ରେ ବାର୍ତ୍ତାଳାପ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ସେ ସାମ୍ପ୍ରତିକ ଘଟଣାବଳୀ ଉପରେ ଭାରତର ଚିନ୍ତା ପ୍ରକାଶ କରିଛନ୍ତି ଏବଂ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଭାବରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ' ଶାନ୍ତି ସ୍ଥାପନ ଦିଗରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ।

## ଟ୍ରମ୍ପ - ଇରାନ୍ ନାଭାଲ୍ ସିପ୍‌ସ

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ଆମେରିକା ୯ଟି ଇରାନୀ ନୌସେନା ଜାହାଜକୁ ନଷ୍ଟ କରିଛି। ଶ୍ରୀ ଟ୍ରମ୍ପ କହିଛନ୍ତି, ୯ଟି ଇରାନୀ ନୌସେନା ଜାହାଜ ଆକ୍ରମଣ ପରେ ବୁଡ଼ି ଯାଇଛି । ସେ ଚେତାବନୀ

ଦେଇଛନ୍ତି, ଆମେରିକା ଇରାନର ଅବଶିଷ୍ଟ ନୌସେନା ଜାହାଜଗୁଡ଼ିକୁ ଅନୁସରଣ କରୁଛି ଏବଂ ସେଗୁଡ଼ିକୁ ମଧ୍ୟ ଖୁବ୍ ଶୀଘ୍ର ନଷ୍ଟ କରିଦିଆଯିବ ।

## ୟୁ.ଏସ୍. -ସୋଲ୍‌ଜର କିଲ୍‌ଡ୍

ଆମେରିକୀୟ ସେନାର କେନ୍ଦ୍ରୀୟ କମାଣ୍ଡର ସୂଚନା ଅନୁଯାୟୀ ଇରାନ ବିରୋଧରେ ଆମେରିକାର କାର୍ଯ୍ୟାନୁଷ୍ଠାନ ସମୟରେ ୩ ଜଣ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆମେରିକୀୟ କେନ୍ଦ୍ରୀୟ କମାଣ୍ଡର ସୂଚନା ଅନୁଯାୟୀ ଅନେକ ଯବାନ ଏହି ଆକ୍ରମଣରେ ଆହତ ହୋଇଛନ୍ତି । ଯୁଦ୍ଧ ଅଭିଯାନ ଜାରି ରହିଛି ବୋଲି କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି ।

## ପ୍ରେଜ୍ - ଦିଲ୍ଲୀ ଲକ୍ଷପତି ବିଟିୟା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ଲକ୍ଷପତି ବିଟିୟା ଯୋଜନାର ଶୁଭାରମ୍ଭ କରିବେ । ଏ ସମ୍ପର୍କରେ ସୂଚନା ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ଏହି ଯୋଜନାର ହିତାଧିକାରୀ ଥିବା କନ୍ୟା

ସନ୍ତାନ ନାମରେ ମୋଟ୍ ୫୬ ହଜାର ଟଙ୍କା ଜମା କରାଯିବ । ସମ୍ପୃକ୍ତ ହିତାଧିକାରୀଙ୍କୁ ୨୧ ବର୍ଷ ହେବା ସମୟରେ ଏହି ଅର୍ଥର ମ୍ୟାଚୁରିଟି ପରିମାଣ ୧ ଲକ୍ଷ ଟଙ୍କାରୁ ଅଧିକ ହେବ । ସମୟ ସହିତ ତାଳ ଦେଇ ଏବଂ ଉଚ୍ଚଶିକ୍ଷା ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଏଭଳି ଏକ ପ୍ରଭାବଶାଳୀ ତଥା ଭବିଷ୍ୟତ ଉପଯୋଗୀ ଯୋଜନା ବାଳିକାମାନଙ୍କ ଲାଗି ଆବଶ୍ୟକ ଥିଲା ବୋଲି ସେ କହିଛନ୍ତି । ବର୍ତ୍ତମାନର ଲାଡ୍‌ଲୀ ଯୋଜନାକୁ ସମ୍ପ୍ରସାରିତ ତଥା ପୁନର୍ଗଠନ କରାଯାଇ ଦିଲ୍ଲୀ ଲକ୍ଷପତି ବିଟିୟା ଯୋଜନାରେ ନାମିତ କରାଯାଇଛି ।

## ଏମ୍.ଇ.ଏ. - କାନାଡ଼ା ପି.ଏମ୍.

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଗତକାଲି ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଶ୍ରୀ କାର୍ନିଙ୍କୁ ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ସ୍ୱାଗତ କରିଥିଲେ ଓ ତାଙ୍କୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ କାର୍ନିଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ କାନାଡାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦଙ୍କୁ ସ୍ୱାଗତ

କରିଥିଲେ। ଆଜି ସେ ମଧ୍ଧ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନର ଗୁରୁତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ବି.ଜେ.ପି. - ପରିବର୍ତ୍ତନ ଯାତ୍ରା

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପୂର୍ବରୁ ଗତକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ କୁଚ୍‌ବିହାର ଜିଲ୍ଲାରେ ‘ପରିବର୍ତ୍ତନ ଯାତ୍ରା’ ଆରମ୍ଭ କରିଛନ୍ତି। ଦୁର୍ନୀତି ପାଇଁ ତୃଣମୂଳ କଂଗ୍ରେସ ସରକାରଙ୍କୁ ଦାୟୀ କରିବା

ଉଦ୍ଦେଶ୍ୟରେ ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି । ସେ କହିଛନ୍ତି, ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପରିବର୍ତ୍ତେ ରାଜ୍ୟ ସରକାର ସେମାନଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦେଉଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ’ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ସେ ଅଭିଯୋଗ କରିଛନ୍ତି ।

## ଆଇ.ସି.ସି. ଟି-୨୦ ୱାର୍ଲଡ୍ କପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟରେ, ଗତସନ୍ଧ୍ୟାରେ କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଏକ ସୁପର ଏଇଟ୍ ମୁକାବିଲାରେ ଭାରତ ୫ ୱିକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୫ ରନ୍ ସ୍କୋର୍ କରିଥିଲା । ଏହାର ଜବାବରେ ଭାରତ ୧୯ ଓଭର୍ ୨ଟି ବଲ୍‌ରେ ୫ ୱିକେଟ୍ ବିନିମୟରେ ୧୯୯ ରନ୍ ସଂଗ୍ରହ କରିଥିଲା । ସଞ୍ଜୁ ସାମସନଙ୍କ ଅପରାଜିତ ୫୦ଟି ବଲ୍‌ରେ ୯୭ ରନ ସ୍କୋର୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆସନ୍ତା ଗୁରୁବାର ଦିନ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ବୁଧବାର ଦିନ କୋଲକାତାର ଇଡେନ ଗାର୍ଡେନରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ।  ଉଭୟ ମ୍ୟାଚ୍‌ର ବିଜେତା ଆସନ୍ତା ୮ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳିବେ।

## ୱିମେନ୍‌ସ ହକି - ହାଇଦ୍ରାବାଦ

ଚଳିତ ମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା FIH ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଗତକାଲି ଭାରତୀୟ ମହିଳା ହକି ଦଳ ହାଇଦ୍ରାବାଦରେ ପହଞ୍ଚିଛି। ବେଙ୍ଗାଲୁରୁରେ ଦଳ ଏକ ମାସ ଧରି ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲା । ପୁଲ୍ Bରେ ଭାରତ ସମେତ ସ୍କଟଲାଣ୍ଡ, ଉରୁଗୁଏ ଏବଂ ୱେଲ୍ସ ରହିଛନ୍ତି । ଆସନ୍ତା ୮ ତାରିଖରେ ଭାରତ' ଉରୁଗୁଏ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ । ପରେ ୯ରେ ସ୍କଟଲାଣ୍ଡ ଏବଂ ୧୧ରେ ୱେଲ୍ସ ବିପକ୍ଷରେ ମ୍ୟାଚ୍ ଖେଳିବ।

*****